(1)

**PRESS BRIEF**

**Subject : Approval of Bijepur Lift irrigation Projrct.**

Bijepur Lift Irrigation Project has been envisaged to provide irrigation to rainfed and drought prone areas of about 25,600Ha in Bijepur, Sohela and Barpalli blocks of Bargarh district. Beyond this on completion of the project, irrigation will be provided to 32,000 Ha in Khariff and Rabi season.

The estimated cost of the project is Rs.1246.56 Crores. The project is to be completed within a period of five years.

The water will be drawn from Hirakud dam through Bargarh Main Canal. The same will tapped at RD.34.10Km near Tengra village. The water will be lifted through a rising main of about 17.64Km into the Barihapalli secondary storage structure. From the secondary structure water will be delivered to the command area through a mix of gravity and pressured under ground pipe system with outlets for every 4Ha/1 Ha land parcels.

Micro irrigation system will be adopted in about 30% of the total command area.

The project will be executed through EPC mode.

In fond memory of illustrious poet of Odisha Swabhaba Kabi Gangadhar Meher the cabinet named the project as “Gangadhar Meher Lift Canal System”.

# ପ୍ରେସ୍ ବିବୃତି

## ବିଜେପୁର ଉଠା ଜଳ ସେଚନ ପ୍ରକଳ୍ପ

ବିଜେପୁର ଉଠା ଜଳ ସେଚନ ପ୍ରକଳ୍ପ ମାଧ୍ୟମରେ ବରଗଡ ଜିଲ୍ଲାର ବିଜେପୁର, ସୋହେଲା ଓ ବରପାଲ୍ଲି ବ୍ଲକ୍‌ର ସ୍ୱଳ୍ପ ବୃଷ୍ଟିପାତ ଓ ମରୁଡି ପ୍ରପୀଡିତ ଅଞ୍ଚଳର ୨୫,୬୦୦ ହେକ୍ଟର ଜମିକୁ ଜଳ ସେଚନ ଯୋଗାଇବା ପାଇଁ ପ୍ରସ୍ତାବ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ଖରିଫ ଓ ରବି ଋତୁରେ ମୋଟ ୩୨୦୦୦ ହେକ୍ଟର ଉଚ୍ଚ ଜମିକୁ ମଧ୍ୟ ଜଳ ସେଚନ ଯୋଗାଇଦିଆଯିବ ।

ଏହି ପ୍ରକଳ୍ପର ମୋଟ୍ ଆକଳନ ମୂଲ୍ୟ ୧୨୪୬.୫୬ କୋଟି ଅଟେ ଏବଂ ଏହାକୁ ୫ ବର୍ଷ ମଧ୍ୟରେ ଶେଷ କରାଯାଇ କାର୍ଯ୍ୟକ୍ଷମ କରାଯିବାର ଲକ୍ଷ୍ୟ ରଖାଯାଇଛି ।

ହୀରାକୁଦ ଜଳ ଭଣ୍ଡାରର ଜଳକୁ ବରଗଡ ମୁଖ୍ୟ କେନାଲର ୩୪.୧୦ କି.ମି. ଦୂରସ୍ଥ ଟେଙ୍ଗରା ଗ୍ରାମ ନିକଟରୁ ଉଚ୍ଚକ୍ଷମତା ସଂପନ୍ନ ପମ୍ପ୍ ଦ୍ୱାରା ଉଠା ଯାଇ ୧୭.୬୪ କି.ମି. ଲମ୍ବ ରାଇଜିଂ ମେନ୍ ପାଇପ୍ ମାଧ୍ୟମରେ ବରିହାପାଲିଠାରେ ଏକ ଦ୍ୱିତୀୟ ଉପଜଳ ଭଣ୍ଡାର ସୃଷ୍ଟି କରାଯିବ । ଏହିଠାରୁ ଗ୍ରାଭିଟି ଓ ପ୍ରେସର୍ ଭୂତଳ ପାଇପ୍ ମାଧ୍ୟମରେ ପ୍ରତି ଚାରି ହେକ୍ଟର /ଏକ ହେକ୍ଟର ଚକରେ ଥିବା ଆଉଟ୍‌ଲେଟ୍ ମାଧ୍ୟମରେ ଚକ ଜମିକୁ ଜଳସେଚନ ଯୋଗାଇ ଦିଆଯିବ । ଏତଦ୍‌ବ୍ୟତୀତ ସର୍ବନିମ୍ନ ୩୦ ପ୍ରତିଶତ ଉଚ୍ଚ ଜମିକୁ ବୁନ୍ଦା ଓ ସିଞ୍ଚନ ପ୍ରକ୍ରିୟା ଦ୍ୱାରା ଜଳସେଚନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଅଛି ।

ଏହି ପ୍ରକଳ୍ପକୁ **EPC** (ଇଂଜିନିୟରିଂ, ପ୍ରୋକ୍ୟୁରମେଣ୍ଟ ଓ କନ୍‌ଷ୍ଟ୍ରକ୍‌ସନ୍) ଠିକା ପ୍ରଣାଳୀ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ।

ବିଜେପୁର ଉଠା ଜଳସେଚନ ପ୍ରକଳ୍ପକୁ ଓଡିଶାର ସ୍ୱନାମ ଧନ୍ୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମରେ ନାମିତ କରାଯାଇ "ଗଙ୍ଗାଧର ମେହେର ଲିଫ୍ଟ କେନାଲ୍ ସିଷ୍ଟମ୍" କରାଯିବାପାଇଁ ମନ୍ତ୍ରୀ ପରିଷଦର ଅନୁମୋଦନ ଲାଭକଲା ।